भारत निर्वाचन आयोग
ELECTION COMMISSION OF INDIA

# ବୁଥ୍ ସ୍ତରୀୟ ଅଧିକାରୀଙ୍କ ଦାୟିତ୍ୱ ଓ କର୍ତ୍ତବ୍ୟ

## (ନିର୍ବାଚନ ପୂର୍ବରୁ ଓ ନିର୍ବାଚନ ସମୟରେ)



ମିତା ଦିଦି

**ଗଣତନ୍ତ୍ରର ସଜାଗ ପ୍ରହରୀ,**
**ଆମ ବୁଥ୍‌ସ୍ତରୀୟ ଅଧିକାରୀ**

ମୁଖ୍ୟ ନିର୍ବାଚନ ଅଧିକାରୀ, ଓଡ଼ିଶା
**Chief Electoral Officer, Odisha**

चुनाव का पर्व
DESH KA GARV
LOK SABHA ELECTION 2024



# ନିର୍ବାଚନର ପର୍ବ,
# ଆମ ଦେଶର ଗର୍ବ ।

ଭୋଟ୍ ଦେବାର ଅନୁଭୂତି ଅଟେ ଅତୁଳନୀୟ,
2024 ନିର୍ବାଚନରେ ମୁଁ ଭୋଟ୍ ଦେବି ନିଶ୍ଚୟ ।

Follow us on : CEO Odisha Ceoodisha odishaceo Chief Electoral Officer Odisha

# ଭୂମିକା

ଭୋଟର ତାଲିକା ସଂଶୋଧନ ଏବଂ ନିର୍ବାଚନ ପରିଚାଳନା ପ୍ରକ୍ରିୟାରେ ତୃଣମୂଳ ସ୍ତରରେ ବୁଥ୍ ସ୍ତରୀୟ ଅଧିକାରୀ (B.L.O.)ମାନେ ଗୁରୁତ୍ୱପୂର୍ଣ୍ଣ ଦାୟିତ୍ୱ ତୁଲାଇଥାନ୍ତି । ବାହାରକୁ ଜଣାପଡୁନଥିଲେ ମଧ୍ୟ ନିର୍ବାଚନ ପ୍ରକ୍ରିୟାର ସଫଳ ରୂପାୟନ ପାଇଁ ଗୁରୁ ଦାୟିତ୍ୱ ବହନ କରୁଥିବାରୁ ସେମାନଙ୍କୁ ନିର୍ବାଚନର "ଅକିର୍ତ୍ତୀତ ନାୟକ" ଭାବେ ଅଭିହିତ କରାଯାଏ ।

ସେହି ଦାୟିତ୍ୱ ଗୁଡିକ ମଧ୍ୟରୁ ଚାରୋଟିର ସଂକ୍ଷିପ୍ତ ବର୍ଣ୍ଣନା ପରପୃଷ୍ଠାରେ ପ୍ରଦାନ କରାଗଲା ।

# ସୂଚୀପତ୍ର



| କ୍ରମିକ ସଂଖ୍ୟା | ବିଷୟ ବସ୍ତୁ | ପୃଷ୍ଠା | |
|---|---|---|---|
| | | ରୁ | ପର୍ଯ୍ୟନ୍ତ |
| ୧ | ନିରନ୍ତର ସଂଶୋଧନ ପ୍ରକ୍ରିୟା (Continuous Updation) | ୧ | ୨ |
| ୨ | ଅନୁପସ୍ଥିତ (Absentee) ଭୋଟରମାନଙ୍କ ଭୋଟ ଗ୍ରହଣ | ୩ | ୭ |
| ୩ | ଭୋଟର ସୂଚନା ପତ୍ର ଓ ଭୋଟର ପଥ ପ୍ରଦର୍ଶକ ପୁସ୍ତିକା ବଣ୍ଟନ (Voter Information slip & Voter guide) | ୮ | ୧୧ |
| ୪ | ଭୋଟର ସହାୟତା କେନ୍ଦ୍ର (Voter Assistance Booth) | ୧୨ | ୧୨ |
| ୫ | ସଂଲଗ୍ନକ (କ) | ୧୩ | ୧୪ |
| ୬ | ସଂଲଗ୍ନକ (ଖ) | ୧୫ | ୧୫ |
| ୭ | ଭାରତ ନିର୍ବାଚନ ଆୟୋଗଙ୍କ ବିଭିନ୍ନ IT ଆପ୍ଲିକେସନସ୍ | ୧୮ | ୧୯ |

## ୧. ନିରନ୍ତର ସଂଶୋଧନ ପ୍ରକ୍ରିୟା (Continuous Updation)

ଏକ ସାଧାରଣ ନିର୍ବାଚନ ଅନୁଷ୍ଠିତ ହେଉଥିବା ବର୍ଷରେ ଭୋଟର ତାଲିକାର ନିରନ୍ତର ସଂଶୋଧନ ପ୍ରକ୍ରିୟା (Continuous Updation) ଚୂଡାନ୍ତ ପ୍ରକାଶନ (Final Publication) ଠାରୁ ଆରମ୍ଭ କରି ପ୍ରାର୍ଥୀଙ୍କ ନାମାଙ୍କନ ପତ୍ର ଦାଖଲର ଶେଷ ଦିନ ପର୍ଯ୍ୟନ୍ତ ଚାଲୁ ରୁହେ । ଏହି ସମୟରେ ବୁଥ୍ ସ୍ତରୀୟ ଅଧିକାରୀ ମାନେ ଯୋଗ / ବିଯୋଗ / ସଂଶୋଧନର ପ୍ରକ୍ରିୟା (online / offline) ସମ୍ବନ୍ଧରେ ଭୋଟର ମାନଙ୍କୁ ଅବଗତ କରାନ୍ତି ।

**ନିର୍ବାଚକ ପଞ୍ଜୀକରଣ ଅଧିକାରୀଙ୍କ ନିୟନ୍ତ୍ରଣରେ BLO ମାନଙ୍କ କାର୍ଯ୍ୟାବଳୀର ପରିସର :-**

- ଆବେଦନକାରୀଙ୍କ ନୂତନ ପଞ୍ଜୀକରଣ, ବିବରଣୀ ସଂଶୋଧନ, ନାମ ଅପସାରଣ ଇତ୍ୟାଦି ବାବଦରେ ଦାବି ଓ ଆପତ୍ତିର ଆବେଦନ ସଂଗ୍ରହ ।
- ଭାରତ ନିର୍ବାଚନ ଅୟୋଗଙ୍କ ଦ୍ୱାରା ବିଶେଷ ଅଭିଯାନ ସମୟରେ ଭୋଟରଙ୍କ ଅବଗତି ନିମନ୍ତେ ଘରକୁ ଘର ପରିଦର୍ଶନ ।
- ବିଭିନ୍ନ ଫର୍ମ ( ଫର୍ମ-୬ / ୭ / ୮ ଇତ୍ୟାଦି) ସଂଗ୍ରହ ପାଇଁ ଭୋଟର ମାନଙ୍କ ଘରକୁ ଘର ପରିଦର୍ଶନ ।
- ଫର୍ମ-୬ ରେ ନୂତନ ପଞ୍ଜୀକରଣ ପାଇଁ ଆବେଦନ କରାଯାଏ । ଏଥି ପାଇଁ online (BLO app) ଅଥବା offline ମାଧ୍ୟମରେ ବୁଥ୍ ସ୍ତରୀୟ ଅଧିକାରୀ ଆବେଦନ ଗ୍ରହଣ କରନ୍ତି ।
- ଫର୍ମ-୬ ସହିତ ଆବେଦନକାରୀଙ୍କୁ ବାସସ୍ଥାନ, ବୟସ ଓ ପରିଚୟ ପ୍ରମାଣପତ୍ର ସଂଲଗ୍ନ କରିବାକୁ ହୋଇଥାଏ ।
- ସାଧାରଣ ଭାବରେ ଉଭୟ ବୟସ ଏବଂ ବାସସ୍ଥାନ ପାଇଁ ଆଧାରକାର୍ଡକୁ ମଧ୍ୟ ପ୍ରମାଣ ପତ୍ର ଭାବରେ ଗ୍ରହଣ କରାଯିବ ।
- ଭୋଟର ଲିଷ୍ଟରୁ ନାମ ଅପସାରଣ କରିବା ନିମନ୍ତେ ଫର୍ମ -୭ ରେ ଆବେଦନ କରାଯାଇଥାଏ ।

- ଏଥି ନିମନ୍ତେ ନିଜେ ଆବେଦନକାରୀ ଅଥବା ବୁଥ୍ ସ୍ତରୀୟ ଅଧିକାରୀ ଆବେଦନ କରିପାରିବେ । ନାମ ଅପସାରଣ ନିମନ୍ତେ ଭାରତ ନିର୍ବାଚନ ଆୟୋଗ ୭ ଦିନର ନୋଟିସ  ଦେବା ଅବଧି ଧାର୍ଯ୍ୟ କରିଛନ୍ତି ।
- ନିର୍ବାଚକ ପଞ୍ଜୀକରଣ ଅଧିକାରୀଙ୍କ ପାଖରେ ୭ ଦିନର ନୋଟିସ ଅବଧି ପରେ ନାମ ଅପସାରଣ ଆବେଦନ ଉପରେ ଶୁଣାଣି କରାଯାଏ ଓ ପରବର୍ତ୍ତୀ ପଦକ୍ଷେପ ନିଆଯାଏ । ନିର୍ବାଚନ ବର୍ଷରେ ପ୍ରତ୍ୟେକ ନାମ ଅପସାରଣ ନିମନ୍ତେ ପ୍ରାପ୍ତ ହୋଇଥିବା ଆବେଦନଗୁଡ଼ିକୁ ସତର୍କତାର ସହିତ ବିଚାରକରି ପଦକ୍ଷେପ ନିଆଯିବା ଜରୁରୀ ।
- ମୃତ /ସ୍ଥାନାନ୍ତରିତ ଭୋଟର ଚିହ୍ନଟ ଓ ଭୋଟର ଲିଷ୍ଟରୁ ଅପସାରଣ ପାଇଁ ଫର୍ମ -୭ / ଫର୍ମ-୮ ମାଧ୍ୟମରେ BLO APP ରେ ଆବେଦନ ।
- BLO APP ମାଧ୍ୟମରେ ସମସ୍ତ ଅଫଲାଇନ ଫର୍ମ ଗୁଡ଼ିକର ଡିଜିଟାଇଜେସନ (Digitization) ।
- ନିର୍ବାଚକ ପଞ୍ଜୀକରଣ ଅଧିକାରୀଙ୍କ ତରଫରୁ ଭୋଟର ଲିଷ୍ଟରୁ ନାମ ଅପସାରଣ ନିମନ୍ତେ ନୋଟିସ ପ୍ରଦାନ ।
- ଭୋଟର କାର୍ଡ (EPIC), ଯେଉଁ ଗୁଡ଼ିକ ଉପଯୁକ୍ତ ଠିକଣା ଅଭାବରୁ ଡାକ ବିଭାଗ ତରଫରୁ ଫେରି  ଆସିଥାଏ ତାର ବଣ୍ଟନ ।
- ଭୋଟର ଲିଷ୍ଟ ସଂଶୋଧନ ନିମନ୍ତେ ବୁଥ୍ ସ୍ତରୀୟ ଏଜେଣ୍ଟଙ୍କ ସହ ସମନ୍ୱୟ ରକ୍ଷା ।
- ନିର୍ବାଚନ ପାଠଶାଳା ସମ୍ବନ୍ଧୀୟ କାର୍ଯ୍ୟ ।
- ନିର୍ବାଚକ ପଞ୍ଜୀକରଣ ଅଧିକାରୀଙ୍କ ଦ୍ୱାରା ଧାର୍ଯ୍ୟ ଭୋଟର ତାଲିକା (Electoral Roll) ସମ୍ବନ୍ଧୀୟ ଅନ୍ୟାନ୍ୟ କାର୍ଯ୍ୟ ।

## Absentee ଭୋଟର:-

ନିମ୍ନରେ ଉଲ୍ଲିଖିତ ଶ୍ରେଣୀର ବ୍ୟକ୍ତିମାନେ "ଅନୁପସ୍ଥିତ ମତଦାତା ବା absentee ଭୋଟର" ହିସାବରେ ପୋଷ୍ଟାଲ୍ ବାଲାଟ୍ ସିଷ୍ଟମ ଦ୍ୱାରା ଭୋଟ ଦେବାକୁ ଯୋଗ୍ୟ ଅଟନ୍ତି ।

- (କ) ବରିଷ୍ଠ ନାଗରିକ – ୮୫ ବର୍ଷରୁ ଊର୍ଦ୍ଧ୍ୱ ବ୍ୟକ୍ତି(AVSC) ।
- (ଖ) ୪୦% ରୁ ଊର୍ଦ୍ଧ୍ୱ ଶାରୀରିକ ଅକ୍ଷମତା ଥିବା ବ୍ୟକ୍ତି (AVPD) ।
- (ଗ) କୋଭିଡ୍ -୧୯ ଦ୍ୱାରା ଆକ୍ରାନ୍ତ ବା ସନ୍ଦିଗ୍ଧ ବ୍ୟକ୍ତି (AVCO) ।
- (ଘ) ନିର୍ବାଚନ ଆୟୋଗଙ୍କ ଦ୍ୱାରା ଅଧିସୂଚୀତ ଅତ୍ୟାବଶ୍ୟକୀୟ ସେବାରେ ନିଯୁକ୍ତ ହୋଇଥିବା ବ୍ୟକ୍ତିବିଶେଷ (AVES) ।

## ମତଦାନ ପ୍ରକ୍ରିୟା :-

- absentee ଭୋଟରମାନେ ଭୋଟ ଦେବାକୁ ଇଚ୍ଛୁକ ଥିଲେ, ନିର୍ବାଚନ ତାରିଖ ଘୋଷଣା ଠାରୁ ଆରମ୍ଭ କରି ନିର୍ବାଚନ ବିଜ୍ଞପ୍ତି ପ୍ରକାଶନର ୫ ଦିନ ମଧ୍ୟରେ ରିଟର୍ଣ୍ଣିଂ ଅଧିକାରୀଙ୍କୁ ଆବେଦନ କରିପାରିବେ ।
- ଏଥିପାଇଁ ବୁଥ୍ ସ୍ତରୀୟ ଅଧିକାରୀ ମାନେ ପର୍ଯ୍ୟାପ୍ତ ପରିମାଣର ଫର୍ମ ୧୨ଡି କୁ ଧରି ରିଟର୍ଣ୍ଣିଂ ଅଧିକାରୀଙ୍କ ଦ୍ୱାରା ପ୍ରଦାନ କରାଯାଇଥିବା ବିବରଣୀ ଅନୁଯାୟୀ ଘରକୁ ଘର ବୁଲି AVSC / AVPDs / AVCO ଶ୍ରେଣୀୟ ଅନୁପସ୍ଥିତ ଭୋଟରମାନଙ୍କୁ ବଣ୍ଟନ କରିବେ ତଥା ତାଙ୍କ ଠାରୁ ପ୍ରାପ୍ତି ସ୍ୱୀକାର ସଂଗ୍ରହ କରିବେ ।

[ ଫର୍ମ ୧୨ଡି ର ଏକ ନମୁନା, ସଂଲଗ୍ନକ (କ) ରେ ଦିଆଯାଇଛି ]

- ବୁଥ୍ ସ୍ତରୀୟ ଅଧିକାରୀ ପ୍ରତ୍ୟହ ରିଟର୍ଣ୍ଣିଂ / ସହାୟକ ରିଟର୍ଣ୍ଣିଂ ଅଧିକାରୀଙ୍କ ନିକଟରେ ଏହି ସବୁ ଭୋଟଦାତାଙ୍କ ପ୍ରାପ୍ତି ସ୍ୱୀକାର ପତ୍ରଗୁଡିକ ଦାଖଲ କରିବେ ।

- ଯଦି କୌଣସି ମତଦାତା ଅନୁପସ୍ଥିତ ଥାଆନ୍ତି ତେବେ ବୁଥ୍ ସ୍ତରୀୟ ଅଧିକାରୀ, ସେହି ବ୍ୟକ୍ତିମାନଙ୍କର ଠିକଣାର ବିସ୍ତୃତ ବିବରଣୀ ସଂଗ୍ରହ କରିବେ ଏବଂ ସେ ସ୍ଥାନକୁ ଯାଇ ଫର୍ମ-୧୨(ଡି) ଦେବେ ଓ ପ୍ରାପ୍ତି ସ୍ୱୀକାର ଗ୍ରହଣ କରିବେ ।
- ଏହା ଭଲଭାବେ ସମସ୍ତ ଜାଣିବା ଉଚିତ୍ ଯେ ପୋଷ୍ଟାଲ୍ ବାଲଟ୍ ଜରିଆରେ ଭୋଟଦାନ ଉପରୋକ୍ତ ଶ୍ରେଣୀର ଭୋଟରଙ୍କ ପାଇଁ ବାଧ୍ୟତାମୂଳକ ନୁହେଁ । ସେମାନେ ଚାହିଁଲେ ଏହି ଅତିରିକ୍ତ ସୁବିଧାକୁ ଅଗ୍ରାହ୍ୟ କରି ଅନ୍ୟ ସାଧାରଣ ଭୋଟରମାନଙ୍କ ଭଳି ଧାର୍ଯ୍ୟ ମତଦାନ ଦିବସରେ ବୁଥ୍ ରେ ଭୋଟ ଦେଇପାରିବେ।
- ଯଦି ଫର୍ମ-୧୨(ଡି) ପ୍ରାପ୍ତ କରିଥିବା absentee ଭୋଟରମାନେ ପୋଷ୍ଟାଲ୍ ବାଲଟ୍ ମାଧ୍ୟମରେ ଘରେ ଥାଇ ଭୋଟ ଦେବା ପାଇଁ ଇଚ୍ଛୁକ, ବୁଥ୍ ସ୍ତରୀୟ ଅଧିକାରୀ ମାନେ ସେମାନଙ୍କ ଠାରୁ ପୂରଣ ହୋଇଥିବା ଫର୍ମ-୧୨(ଡି) ଗୁଡିକ ସଂଗ୍ରହ କରିବେ ଓ ନିର୍ବାଚନ ବିଜ୍ଞପ୍ତି ଜାରିହେବା ପରଠାରୁ ପାଞ୍ଚଦିନ ଭିତରେ ସେଗୁଡିକ ଆଣି ରିଟର୍ଣ୍ଣିଂ / ସହାୟକ ରିଟର୍ଣ୍ଣିଂ ଅଧିକାରୀଙ୍କ ଠାରେ ଦାଖଲ କରିବେ ।
- ଯଦି କୌଣସି AVPD (ବା PWD Absentee ଭୋଟର) ଶ୍ରେଣୀର ଭୋଟର୍ ପୋଷ୍ଟାଲ୍ ବାଲାଟ୍ ମାଧ୍ୟମରେ ଭୋଟ ଦେବାକୁ ଇଚ୍ଛୁକ ହୁଅନ୍ତି ତାଙ୍କ ଠାରୁ ନିର୍ଣ୍ଣାୟକ ପ୍ରମାଣ ପତ୍ର (benchmark Certificate) ସହିତ ହିଁ ପୂରଣ ହୋଇଥିବା ଫର୍ମ-୧୨(ଡି) ଗ୍ରହଣ କରିବେ ।
- ଫର୍ମ-୧୨(ଡି) ବିତରଣ ସମୟରେ ବି.ଏଲ୍.ଓ. ମାନେ Absentee ଭୋଟରମାନଙ୍କୁ ବୁଝାଇବେ ଯେ ଥରେ ସେମାନେ ପୋଷ୍ଟାଲ୍ ବାଲଟ୍ ମାଧ୍ୟମରେ ଭୋଟ ଦେବା ପାଇଁ ତାଲିକାଭୁକ୍ତ ହେଲାପରେ, ଆଉ ବୁଥରେ ଯାଇ ଭୋଟ ଦେଇ ପାରିବେ ନାହିଁ ।
- ଏହି କାର୍ଯ୍ୟ କଲାବେଳେ ବୁଥ୍ ସ୍ତରୀୟ ଅଧିକାରୀ ମାନେ ନିୟୋଜିତ ସେକ୍ଟର ଅଧିକାରୀମାନଙ୍କ ଉପଦେଶ ଗ୍ରହଣ କରି କାର୍ଯ୍ୟ ତୁଲାଇବେ ।

- AVPD ଓ AVCO ଶ୍ରେଣୀର ଭୋଟରଙ୍କ ଠାରୁ ପୂରଣ ହୋଇଥିବା ଫର୍ମ-୧୨(ଡି) ପ୍ରାପ୍ତ କଲାବେଳେ ବି.ଏଲ୍.ଓ. ମାନେ ଧ୍ୟାନ ଦେବେ ଏବଂ ନିଶ୍ଚିତ କରିବେ ଯେ ଆବଶ୍ୟକୀୟ ସାର୍ଟିଫିକେଟ୍ ଗୁଡିକ ସଂଲଗ୍ନ ହୋଇଅଛି ।

## ବି.ଏଲ୍.ଓ.ଙ୍କ ଠାରୁ ପ୍ରାପ୍ତ ହୋଇଥିବା ଫର୍ମ-୧୨(ଡି) ସଂଗ୍ରହ କରିବା ପରେ ରିଟର୍ଣ୍ଣିଂ ଅଧିକାରୀଙ୍କ ସ୍ତରର କାର୍ଯ୍ୟ :-

- ରିଟର୍ଣ୍ଣିଂ ଅଧିକାରୀ ପୂରଣ ହୋଇଥିବା ଫର୍ମଗୁଡ଼ିକର ତଥ୍ୟକୁ ତଦାରଖ କରିବେ ଏବଂ ସେଥିରେ ସଂଲଗ୍ନ ହୋଇଥିବା ଉଦ୍ଦିଷ୍ଟ ଆବଶ୍ୟକୀୟ ସାର୍ଟିଫିକେଟ୍ ଗୁଡିକ ଅଛି ବୋଲି ନିଶ୍ଚିତ କରିବେ ।
- ଅନୁମୋଦିତ ହୋଇଥିବା ଫର୍ମ-୧୨(ଡି) ଗୁଡିକ ଆଧାରରେ AVSC / AVPD / AVCO ମାନଙ୍କ ପାଇଁ ଧାର୍ଯ୍ୟ ଫର୍ମାଟରେ Absentee ଭୋଟରଙ୍କ ତାଲିକା ପ୍ରସ୍ତୁତ କରିବେ ।
- ଏହାପରେ ରିଟର୍ଣ୍ଣିଂ ଅଧିକାରୀ ମାର୍କଡ୍ ଭୋଟର୍ ତାଲିକା କପିରେ ତାଲିକାଭୁକ୍ତ ହୋଇସାରିଥିବା Absentee ଭୋଟରମାନଙ୍କୁ ନାମ ବିପକ୍ଷରେ "ପୋଷ୍ଟାଲ୍ ବାଲାଟ୍" ବୋଲି ଚିହ୍ନିତ କରିବେ ଏବଂ ଏହି ତାଲିକାର ଏକକିତା ନକଲ ସ୍ୱିକୃତୀ ପ୍ରାପ୍ତ ରାଜନୈତିକ ଦଳର ପ୍ରତିଦ୍ୱନ୍ଦିତା କରୁଥିବା ପ୍ରାର୍ଥୀମାନଙ୍କୁ ଯୋଗାଇବେ ।
- AVSC, AVPD ଏବଂ AVCOଙ୍କର ଭୋଟର୍ ତାଲିକାକୁ ଆଧାର କରି ପୋଲିଂ ଅଫିସର୍ ମାନଙ୍କୁ ନେଇ ବିଭିନ୍ନ ଦଳଗଠନ କରିବେ ।

## Absentee ଭୋଟରମାନଙ୍କ ଦ୍ୱାରା ପୋଷ୍ଟାଲ୍ ବାଲାଟ୍ ମାଧ୍ୟମରେ ଭୋଟଦାନ ପ୍ରକ୍ରିୟା :-

- ପ୍ରତ୍ୟେକ ପୋଲିଂ ଟିମକୁ ବୁଥ୍ ସ୍ତରୀୟ ଅଧିକାରୀମାନେ ଆବଶ୍ୟକୀୟ ସହାୟତା ଯୋଗେଇ ଦେବେ ।
- ପ୍ରତ୍ୟେକ ପୋଲିଂ ଟିମରେ ଦୁଇ ଜଣ ପୋଲିଂ ଅଧିକାରୀ ଜଣେ ଅଣୁ ପର୍ଯ୍ୟବେକ୍ଷକ (MicroObserver), ଜଣେ ଭିଡିଓଗ୍ରାଫର ଏବଂ ଜଣେ ସୁରକ୍ଷା ଅଧିକାରୀ ରହିବେ ।
- ଫର୍ମ-୧୨(ଡି)ରେ ଦିଆଯାଇଥିବା ଠିକଣାରେ Absentee ଭୋଟରମାନଙ୍କ ଘରକୁ ଘର ଯାଇ ପୋଲିଂ ଟିମ୍ ମତଦାନ ଗ୍ରହଣ କରିବେ ।
- ଭୋଟରମାନଙ୍କୁ ପୂର୍ବରୁ କେଉଁ ଦିନ ବା କେଉଁ  ସମୟରେ ପୋଲିଂ ଦଳ ଆସିବେ ତାର ପୂର୍ବ ସୂଚନା ବି.ଏଲ୍.ଓ.ଙ୍କ ଦ୍ୱାରା ଦିଆଯିବ କିମ୍ବା ଭୋଟରମାନଙ୍କ ଦ୍ୱାରା ପ୍ରଦତ୍ତ ମୋବାଇଲରେ ମଧ୍ୟ ଏହି ସୂଚନାଟି ଦିଆଯାଇପାରିବ ।
- ଯଦି ଭୋଟର ଜଣଙ୍କ ପ୍ରଥମ ଥର ପୋଲିଂ ଟିମ୍ ଗଲା ବେଳେ ଉପଲବ୍ଧ ନଥିବେ ସେମାନଙ୍କ ଠାରୁ ଦ୍ୱିତୀୟ ଥର ପାଇଁ ମତ ଗ୍ରହଣ କରିବା ପାଇଁ ପୋଲିଂ ଟିମ୍ ଯିବେ । ଯଦି ଦ୍ୱିତୀୟ ଥର ମଧ୍ୟ ସେ ଅନୁପସ୍ଥିତ ରହିବେ, ଆଉ ସେଠାକୁ ଯିବା ଆବଶ୍ୟକ ନାହିଁ ।
- ପ୍ରତିଦ୍ୱନ୍ଦିତା କରୁଥିବା ପ୍ରାର୍ଥୀମାନଙ୍କୁ ପୋଲିଂ ଟିମ୍ ଦ୍ୱାରା ସ୍ଥିର କରାଯାଇଥିବା ମତଦାନ ପ୍ରକ୍ରିୟାର କାର୍ଯ୍ୟସୂଚୀ ସମ୍ବନ୍ଧରେ ଆଗୁଆ ସୂଚନା ଦିଆଯିବା ଉଚିତ୍ ଯାହାଦ୍ୱାରା ସେମାନେ ବୁଥ୍ ସ୍ତରୀୟ ଏଜେଣ୍ଟମାନଙ୍କୁ ମଧ୍ୟ ନିୟୋଜିତ କରିପାରିବେ ।

- ଧାର୍ଯ୍ୟ କରାଯାଇଥିବା ମତଦାନ ପ୍ରକ୍ରିୟା ଅନୁଯାୟୀ ପୋଲିଂ ଅଧିକାରୀମାନେ ପ୍ରତ୍ୟେକ Absentee ଭୋଟରମାନଙ୍କୁ ପୋଷ୍ଟାଲ୍ ବାଲାଟ୍ ପ୍ରଦାନ କରିବେ, ପୋଲିଂ ଦଳର ନେତୃତ୍ୱ ନେଉଥିବା ପୋଲିଂ ଅଧିକାରୀ ମତଦାନ ପ୍ରକ୍ରିୟା ସମ୍ବନ୍ଧରେ ବୁଝାଇବେ ଓ ମତଦାନ କରିବା ପରେ କିପରି ଲଫାପାରେ ଭର୍ତ୍ତି କରି ଫେରାଇବେ, ତଥା ଘୋଷଣା ପତ୍ର ପୂରଣ କରିବେ ଏହା ସମ୍ବନ୍ଧରେ ବୁଝାଇବେ।
- ସମଗ୍ର ମତଦାନ ପ୍ରକ୍ରିୟା ସମୟରେ ଭିଡିଓଗ୍ରାଫି କରାଯିବ, କିନ୍ତୁ ମତଦାନର ଗୋପନୀୟତାକୁ ଭଙ୍ଗ ନକରି ଏହା କରାଯିବ ।
- ସମସ୍ତ Absentee ଭୋଟରମାନଙ୍କର  ମତଦାନ ପ୍ରକ୍ରିୟା ଧାର୍ଯ୍ୟ ହୋଇଥିବା ବୁଥ୍ ସ୍ତରୀୟ ମତଦାନ ଦିବସର ଗୋଟିଏ ଦିନ ଆଗରୁ ସମ୍ପୂର୍ଣ୍ଣ ହେବା ଆବଶ୍ୟକ ।
- ବୁଥ୍ ସ୍ତରୀୟ ଅଧିକାରୀ ଯେହେତୁ Absentee ଭୋଟରଙ୍କ ପାଇଁ ହେଉଥିବା ପୋଲିଂ ଅଞ୍ଚଳ ସହିତ ଜଡିତ ସେମାନେ ପୋଲିଂ ଅଧିକାରୀ ତଥା ପୋଲିଂ ଟିମ୍ କୁ ଆବଶ୍ୟକୀୟ ସହଯୋଗ କରିବେ ।

## ୩. ଭୋଟର ସୂଚନା ପତ୍ର ଓ ଭୋଟର ପଥ ପ୍ରଦର୍ଶକ ପୁସ୍ତିକା ବଣ୍ଟନ (Voter Information slip & Voter guide)

- ରିଟର୍ଣ୍ଣିଂ ଅଫିସର ବୁଥ୍ ସ୍ତରୀୟ ଅଧିକାରୀଙ୍କ ଦ୍ୱାରା VIS ବଣ୍ଟନ ପାଇଁ ଏକ କାର୍ଯ୍ୟସୂଚୀ ପ୍ରସ୍ତୁତ କରିବେ । ଏହି କାର୍ଯ୍ୟସୂଚୀର ଏକକିତା ନକଲ ରିଟର୍ଣ୍ଣିଂ ଅଫିସରଙ୍କ ଦ୍ୱାରା ସମସ୍ତ ସ୍ୱୀକୃତିପ୍ରାପ୍ତ ରାଜନୈତିକ ଦଳର ବୁଥ ସ୍ତରୀୟ ଏଜେଣ୍ଟ(BLAs) ମାନଙ୍କୁ ପ୍ରଦାନ କରାଯିବ । ଜିଲ୍ଲା ନିର୍ବାଚନ ଅଧିକାରୀ କିମ୍ବା ନିର୍ବାଚକ ପଞ୍ଜିକରଣ ଅଧିକାରୀଙ୍କ ସ୍ତରରେ VIS ର ମୁଦ୍ରଣ ହେବ ।
- ବୁଥ୍ ସ୍ତରୀୟ ଅଧିକାରୀଙ୍କ ମାଧ୍ୟମରେ VIS ଗୁଡିକର ବଣ୍ଟନ କରାଯିବ । ନାମାଙ୍କନପତ୍ର ଦାଖଲର ଶେଷ ତାରିଖ ଠାରୁ VIS ର ବଣ୍ଟନ ଆରମ୍ଭ କରି ସମସ୍ତ ପଞ୍ଜୀକୃତ ଭୋଟରଙ୍କୁ ମତଦାନର ଠିକ୍ ୫ ଦିନ ପୂର୍ବରୁ ବଣ୍ଟନ କାର୍ଯ୍ୟ ସମାପ୍ତ କରିବାକୁ ହେବ ।
- VIS ସହିତ ପ୍ରତ୍ୟେକ ବୁଥ୍ ସ୍ତରୀୟ ଅଧିକାରୀଙ୍କୁ ପୂର୍ବରୁ ମୁଦ୍ରିତ ଏକ ଭୋଟର ରେଜିଷ୍ଟର୍ ଦିଆଯିବ ।
- ବୁଥ୍ ସ୍ତରୀୟ ଅଧିକାରୀଙ୍କ ମୂଳ ଦସ୍ତଖତ ଆଧାରରେ VIS ବଣ୍ଟନ କରାଯିବା ଉଚିତ । ପଞ୍ଜୀକୃତ ଭୋଟରଙ୍କୁ କିମ୍ବା ତାଙ୍କ ପରିବାରର ଜଣେ ବୟସ୍କ ସଦସ୍ୟଙ୍କୁ (ଯିଏ ନିଜେ ଜଣେ ଭୋଟର ହୋଇଥିବେ) VIS ପ୍ରଦାନ କରାଯିବ ।
- VIS ଗ୍ରହଣ କରିଥିବାର ପ୍ରମାଣ ସ୍ୱରୂପ ବୁଥ୍ ସ୍ତରୀୟ ଅଧିକାରୀ ସେହି ବ୍ୟକ୍ତିଙ୍କ ଦସ୍ତଖତ କିମ୍ବା ବୁଢାଆଙ୍ଗୁଠିର ଟିପ ଚିହ୍ନ ପ୍ରାପ୍ତ କରିବେ । ପରେ ରେଜିଷ୍ଟରଟି ମତଦାନ ଦିବସର ତିନି ଦିନ ପୂର୍ବରୁ, ବୁଥ୍ ସ୍ତରୀୟ ଅଧିକାରୀଙ୍କ ଦ୍ୱାରା ନିର୍ବାଚକ ପଞ୍ଜୀକରଣ ଅଧିକାରୀଙ୍କ ପାଖରେ ଜମା କରାଯିବ ।
- ସ୍ୱୀକୃତପ୍ରାପ୍ତ ରାଜନୈତିକ ଦଳର ପ୍ରାର୍ଥୀଙ୍କ ଏଜେଣ୍ଟମାନେ VIS ବଣ୍ଟନ ସମୟରେ ବୁଥ୍ ସ୍ତରୀୟ ଅଧିକାରୀମାନଙ୍କ ସହିତ ଆସିପାରନ୍ତି । ଯେତେବେଳେ ବଣ୍ଟନପାଇଁ ବି.ଏଲ୍.ଏ. / ପ୍ରାର୍ଥୀଙ୍କ ଏଜେଣ୍ଟ ଇତ୍ୟାଦି ବୁଥ୍ ସ୍ତରୀୟ ଅଧିକାରୀଙ୍କ ସହିତ ଯାଆନ୍ତି, ସେତେବେଳେ ସେମାନଙ୍କର ଦସ୍ତଖତ ମଧ୍ୟ ରେଜିଷ୍ଟରରେ ପ୍ରାପ୍ତ ହେବା ଉଚିତ୍ । ପ୍ରକୃତ ଭୋଟରଙ୍କୁ VIS ବଣ୍ଟନ ପ୍ରକ୍ରିୟା ଦେଖିବାର ଏକ ପ୍ରମାଣ ଭାବରେ ଏହା କାର୍ଯ୍ୟ କରେ ।

- VIS ବଣ୍ଟନ କରିବା ସମୟରେ ବୁଥ୍ ସ୍ତରୀୟ ଅଧିକାରୀ ସମ୍ପୂର୍ଣ୍ଣ ନିରପେକ୍ଷତା ଅବଲମ୍ବନ କରିବେ ।
- ରିଟର୍ଣ୍ଣିଂ ଅଫିସର, ସେକ୍ଟର ଅଧିକାରୀମାନଙ୍କ ସହାୟତାରେ ଭୋଟର ସୂଚନା ସ୍ଲିପ (VIS) ବଣ୍ଟନ ଉପରେ ନଜର ରଖିବେ ଓ ସ୍ଲିପ୍ ଉପରେ ଥିବା ସମସ୍ତ ଭୋଟର ସୂଚନା ସଠିକ୍ ଭାବରେ ମୁଦ୍ରିତ ହୋଇଥିବାର ନିଶ୍ଚିତ କରିବେ ।
- ସେକ୍ଟର ଅଧିକାରୀମାନେ ନିୟମିତ ଭାବରେ ନିର୍ଦ୍ଦେଶ ଅନୁଯାୟୀ VIS ବଣ୍ଟନ କରାଯାଇଛି କି ନାହିଁ ଯାଞ୍ଚ କରିବେ । ଯଦି କୌଣସି ଅସଙ୍ଗତି ଦେଖାଯାଏ, ତେବେ ତାହାର ସଂଶୋଧନ କରିବେ ।
- ସେକ୍ଟର ଅଧିକାରୀମାନେ ମଧ୍ୟ ଭୋଟର ସୂଚନା ସ୍ଲିପ୍ (VIS) ରେଜିଷ୍ଟର୍ କୁ ଯାଞ୍ଚ୍ କରିବେ ଯେ ସମସ୍ତ ସ୍ଲିପ୍ ବଣ୍ଟନ କରାଯାଇଛି ଏବଂ ରେଜିଷ୍ଟରରେ ସ୍ୱାକ୍ଷର କିମ୍ବା ସ୍ୱୀକୃତି ସ୍ୱରୂପ ଆଙ୍ଗୁଠି ଛାପ ପ୍ରାପ୍ତ ହୋଇଅଛି ।
- ଭୋଟର ସୂଚନା ସ୍ଲିପର ବହୁଳ (ଏକକାଳୀନ) ବଣ୍ଟନ କିମ୍ବା ଅନ୍ୟ କୌଣସି ବ୍ୟକ୍ତିଙ୍କ ଦ୍ୱାରା ବଣ୍ଟନ କରାଯିବ ନାହିଁ ।
- ଭୋଟର ସୂଚନା ସ୍ଲିପ (VIS) ଅନୁପଯୁକ୍ତ ବଣ୍ଟନ ବିଷୟରେ ଅଭିଯୋଗ ଗ୍ରହଣ କରିବାକୁ ପ୍ରତ୍ୟେକ ସେକ୍ଟର ଅଫିସର୍ ଓ ରିଟର୍ଣ୍ଣିଂ ଅଫିସର୍ ଙ୍କ ସ୍ତରରେ ଏକ ଯାଞ୍ଚକାରୀ ବ୍ୟବସ୍ଥା ସ୍ଥାପନ ହେବ ।
- ଏହାଦ୍ୱାରା ସମସ୍ତ ଅଭିଯୋଗର ଶୀଘ୍ର ଅନୁସନ୍ଧାନ କରାଯିବ ଏବଂ ତୁରନ୍ତ ଆବଶ୍ୟକୀୟ ପଦକ୍ଷେପ ଗ୍ରହଣ କରାଯିବ ।
- ଜିଲ୍ଲା ନିର୍ବାଚନ ଅଧିକାରୀ / ରିଟର୍ଣ୍ଣିଂ ଅଫିସର୍ ଙ୍କ ଦ୍ୱାରା ସେହି ବ୍ୟକ୍ତିଙ୍କ ବିରୁଦ୍ଧରେ ଉପଯୁକ୍ତ ଆଇନ ଗତ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ, ଯେଉଁମାନେ ବୁଥ୍ ସ୍ତରୀୟ ଅଧିକାରୀଙ୍କ ଦ୍ୱାରା ଆବଣ୍ଟିତ ଭୋଟର ସୂଚନା ସ୍ଲିପ୍ (VIS)କୁ କ୍ରୟ କରନ୍ତି କିମ୍ବା ଭୟଭୀତ କରାଇ କିମ୍ବା ପ୍ରୋତ୍ସାହନ ମାଧ୍ୟମରେ ଭୋଟର ମାନଙ୍କୁ ପ୍ରଭାବିତ କରିଥାନ୍ତି ।

- ଆବଣ୍ଟିତ ହୋଇନଥିବା ସମସ୍ତ ଭୋଟର ସୂଚନା ସ୍ଲିପ୍ (VIS) ପ୍ରତ୍ୟେକ ବିଧାନସଭା ନିର୍ବାଚନମଣ୍ଡଳୀରେ ସଂପୃକ୍ତ ରିଟର୍ଣ୍ଣିଂ ଅଫିସର୍ ଙ୍କୁ ବୁଥ୍ ସ୍ତରୀୟ ଅଧିକାରୀଙ୍କ ଦ୍ୱାରା ଫେରସ୍ତ କରାଯିବ ଓ ସେ ତାକୁ ମୁଦ ଦେଇ ସୁରକ୍ଷିତ ରଖିବେ ।
- ରିଟର୍ଣ୍ଣିଂ ଅଫିସର୍ଙ୍କ ପାଖକୁ ଫେରସ୍ତ ହେବା ପରେ VIS କୁ ଆଉ ବଣ୍ଟନ କରାଯିବ ନାହିଁ । ରିଟର୍ଣ୍ଣିଂ ଅଫିସର୍ ପ୍ରତ୍ୟେକ ଅଂଶ / ମତଦାନ କେନ୍ଦ୍ରୱାରୀ ବଣ୍ଟିତ ହୋଇ ନ ପାରିଥିବା ଭୋଟର ସୂଚନା ସ୍ଲିପ ଗୁଡିକର ଏକ ବର୍ଣ୍ଣାନୁକ୍ରମିକ ତାଲିକା ପ୍ରସ୍ତୁତ କରିବେ । ଏହା ପ୍ରିଜାଇଡିଂ ଅଫିସର୍ ମାନଙ୍କୁ ମତଦାନ ଦିବସରେ ବ୍ୟବହାର ପାଇଁ ଯୋଗାଇ ଦିଆଯିବ ।
- ଉପରୋକ୍ତ କାର୍ଯ୍ୟ ବ୍ୟତୀତ "ଭୋଟର ପଥ ପ୍ରଦର୍ଶକ ପୁସ୍ତିକା" ଯେଉଁଥିରେ ପଞ୍ଜୀକରଣ ଠାରୁ ଆରମ୍ଭ କରି ଭୋଟ୍ ଦେବା ପ୍ରକ୍ରିୟା, IT ଆପ୍ଲିକେସନ୍ ଏବଂ ଭୋଟର ମାନଙ୍କ ନିମନ୍ତେ ଅନ୍ୟାନ୍ୟ ଉପାଦେୟ ସୂଚନା ଉପଲବ୍ଧ, ତାର ବଣ୍ଟନକୁ ନିଶ୍ଚିତ କରିବେ ।

# ସୁଗମ ଭୋଟର ସୂଚନା ସ୍ଲିପ
## (Accessible Voter Information Slip)

- ନିର୍ବାଚନରେ ଭିନ୍ନକ୍ଷମ (PWD)ମତଦାତାଙ୍କର ସକ୍ରିୟ ଯୋଗଦାନକୁ ସୁନିଶ୍ଚିତ କରିବାପାଇଁ ସୁଗମ ଭୋଟର ସୂଚନା ସ୍ଲିପ(AVIS) ପ୍ରଦାନ କରିବାକୁ ନିର୍ବାଚନ କମିଶନଙ୍କ ଦ୍ୱାରା ନିର୍ଦ୍ଦେଶ ଦିଆଯାଇଛି ।
- ଆଂଶିକ ଦୃଷ୍ଟିହୀନତା କିମ୍ବା ଦୃଷ୍ଟିହୀନ ବ୍ୟକ୍ତିଙ୍କ ପାଇଁ ବ୍ରେଲି ବୈଶିଷ୍ଟ୍ୟ ସହିତ ସୁଗମ ଭୋଟର ସୂଚନା ସ୍ଲିପ୍ ମାନ ସଂପୃକ୍ତ ମତଦାନ ବୁଥ୍ ର ବୁଥ୍ ସ୍ତରୀୟ ଅଧିକାରୀଙ୍କ ଦ୍ୱାରା ବଣ୍ଟନ କରାଯିବ ।

## ଅନୁପସ୍ଥିତ, ସ୍ଥାନାନ୍ତରିତ ବା ମୃତକଙ୍କ (ASD) ତାଲିକା ପ୍ରସ୍ତୁତି

- ASD ଭୋଟରଙ୍କ ତାଲିକା ବୁଥ୍ ସ୍ତରୀୟ ଅଧିକାରୀଙ୍କ ସୂଚନା ଆଧାରରେ ମତଦାନ କେନ୍ଦ୍ରୱାରୀ ପ୍ରସ୍ତୁତ କରାଯିବା ଉଚିତ୍ ଓ ଏହା ନିଶ୍ଚିତ କରିବା ଉଚିତ୍ ଯେ ପ୍ରତ୍ୟେକ ପ୍ରିଜାଇଡିଂ ଅଧିକାରୀଙ୍କୁ ନିମ୍ନଲିଖିତ ଫର୍ମାଟ୍ ରେ ଅନୁପସ୍ଥିତ, ସ୍ଥାନାନ୍ତରିତ ଓ ମୃତ ଭୋଟରଙ୍କ ପୃଥକ୍ ତାଲିକା ପ୍ରଦାନ କରାଯାଉଅଛି । ଏହି କାର୍ଯ୍ୟରେ ବି.ଏଲ୍.ଓ. ମାନେ ରିଟର୍ଣ୍ଣିଂ ଅଫିସର୍ ଙ୍କୁ ସାହାଯ୍ୟ କରିବେ ।

## (ASD) ତାଲିକାର ଫର୍ମାଟ

ବିଧାନସଭା ନିର୍ବାଚନମଣ୍ଡଳୀର ସଂଖ୍ୟା ଓ ଭାଗ :
ମତଦାନ କେନ୍ଦ୍ରର ଅଂଶ ଓ ନାମ :

| କ୍ର.ନଂ. | ଭୋଟର ତାଲିକାରେ ଭୋଟର କ୍ରମିକ ସଂଖ୍ୟା | ଭୋଟରଙ୍କ ନାମ | ପିତା/ସ୍ୱାମୀ/ ମାତାଙ୍କ ନାମ | ବୟସ | ଅନୁପସ୍ଥିତ, ସ୍ଥାନାନ୍ତରିତ କିମ୍ବା ମୃତକ ମାନେ ଯଥା A,S କିମ୍ବା D (ପ୍ରଯୁଜ୍ୟ ଅନୁଯାୟୀ ଲେଖନ୍ତୁ) |
|---|---|---|---|---|---|
| | | | | | |

ବି.ଏଲ୍.ଓ. ଙ୍କ ଦସ୍ତଖତ
ପୁରା ନାମ

ରିଟର୍ଣ୍ଣିଂ ଅଫିସର୍ଙ୍କ ଦସ୍ତଖତ
ମୋହର

## ୪. ଭୋଟର ସହାୟତା କେନ୍ଦ୍ର (Voter Assistance Booth)

- ପ୍ରତ୍ୟେକ  ମତଦାନ କେନ୍ଦ୍ରର ପରିସର ମଧ୍ୟରେ (କେନ୍ଦ୍ରରେ ଯେତେଗୋଟି ବୁଥ୍ ଥାଉନା କାହିଁକି) ଗୋଟିଏ ଲେଖାଏଁ ସହାୟତା କେନ୍ଦ୍ର ବୁଥ ସ୍ତରୀୟ ଅଧିକାରୀଙ୍କ ଦ୍ୱାରା ସଂସ୍ଥାପିତ ଓ ପରିଚାଳନା କରାଯିବ ।
- ଏହାର ଉଦ୍ଦେଶ୍ୟ ହେଉଛି ଭୋଟରଙ୍କୁ ତାଙ୍କ ମତଦାନ କେନ୍ଦ୍ର ନମ୍ବର ଓ ଭୋଟର କ୍ରମିକ ସଂଖ୍ୟା ଖୋଜିବାରେ ସାହାଯ୍ୟ କରିବା । ଏଥିପାଇଁ ବର୍ଣ୍ଣାନୁକ୍ରମିକ (Alphabetical) ଭୋଟର ତାଲିକା ପ୍ରସ୍ତୁତ କରି ବୁଥ୍ ସ୍ତରୀୟ ଅଧିକାରୀମାନଙ୍କୁ ଦିଆଯାଇଥାଏ । ଏହି ତାଲିକାଟି ବର୍ଣ୍ଣାନୁକ୍ରମିକ ଭାବେ ମୁଦ୍ରିତ ହୁଏ, ବର୍ଣ୍ଣମାଳା ଭିତ୍ତିକ ଭୋଟର ତାଲିକା ଇଂରାଜୀରେ ମୁଦ୍ରିତ ହେବା ଉଚିତ ।
- ଏକାଧିକ ବୁଥ୍ ଥିବା ମତଦାନ କେନ୍ଦ୍ରର ପରିସରରେ ଏକରୁ ଅଧିକ ଭୋଟର ସହାୟତା କେନ୍ଦ୍ରର ଆବଶ୍ୟକତା ନାହିଁ । କିନ୍ତୁ ପ୍ରତି ବୁଥ୍ ର BLO(ବୁଥ୍ ସ୍ତରୀୟ ଅଧିକାରୀ) ନିଜର ବୁଥ୍‌ର  ବର୍ଣ୍ଣାନୁକ୍ରମିକ ତାଲିକା ଧରି ସେହି କେନ୍ଦ୍ରରେ ବସିବେ ।
- ପ୍ରତ୍ୟକ ଭୋଟର ସହାୟତା କେନ୍ଦ୍ର ପାଇଁ ରିଟର୍ଣ୍ଣିଂ ଅଫିସର ବୁଥ ସ୍ତରୀୟ ଅଧିକାରୀ ନିଯୁକ୍ତି କରିବେ ।  ତାଙ୍କୁ କେବଳ ମତଦାନ ଦିବସ ପାଇଁ ନିଯୁକ୍ତି ଦିଆଯିବ ।  ଭୋଟର ସହାୟତା କେନ୍ଦ୍ରରେ, ବସିବାକୁ ଥିବା କର୍ମଚାରୀଙ୍କ ପାଇଁ ଆବଶ୍ୟକୀୟ ବ୍ୟବସ୍ଥା କରାଯିବ ।
- "ଭୋଟର ସହାୟତା କେନ୍ଦ୍ର" ଲେଖାଯାଇଥିବା ଏକ ବ୍ୟାନର ବାହାରେ ଏପରି ଢଙ୍ଗରେ ଝୁଲାଯିବ ଯେ ବୁଥ୍ ପରିସରକୁ ଆସୁଥିବା ସମସ୍ତ ଭୋଟର ମାନଙ୍କୁ ଏହା ଦୃଶ୍ୟମାନ ହେବ ।
- ଭୋଟର ସହାୟତା କେନ୍ଦ୍ର କର୍ମଚାରୀ ପ୍ରତ୍ୟେକ ଭୋଟରଙ୍କ ବୁଥ୍ ନମ୍ବର ଓ କ୍ରମିକ ସଂଖ୍ୟା ଖୋଜି ବାହାର କରିବା ପାଇଁ ସମର୍ଥ ହେବା ଉଚିତ୍ ।

# FORM 12D

**[see rule 27-C]**

**PART I**

Letter of intimation to Assistant Returning Officer

(for absentee voters)

To

The Assistant Returning Officer,

(for the notified class of electors)

.......................................... Parliamentary/Assembly constituency

.......................................... (designation and address of ARO)

Sir,

I,................son/daughter/wife of ..........resident of ................village/mohalla............ Town/city/tehsil............District..................(State) belong to the class of absentee voter and wish to cast my vote by post at the election to the House of the People/Legislative Assembly from the ......................Parliamentary/Assembly constituency.

My complete present postal address is as under:-

House/dwelling unit/tent number........................

Camp/mohalla/village................

Ward/town/tehsil....................

District....................

State.................PIN CODE.............

Mobile Phone No. (if available)....................

My name is entered at serial number..................in part No..................of the electoral roll for..................................................Parliamentary/Assembly constituency.

I am working as.......................................(designation of the office held) in................

(Name and full address of organization).

I will be on duty in the above-mentioned office on the day of poll for the above-mentioned election.

*On account of my official duties on the date of poll, I will not be in a position to be present in the polling station assigned to me on the day of poll.

Or

*I am……………..years of age/am a person with disability, and am not in a position to go to the polling station to cast vote.

It is requested that postal ballot paper may be issued to me as absentee voter for the above election.

Yours faithfully,

………………

(Full name and signature)

PART II

(for absentee voter other than senior citizen or persons with disability)

Certificate by the nodal officer appointed by the Organization concerned.

It is hereby certified that the particulars given by the applicant in Part I are correct, and it is further certified that the applicant will be on official duty on the day of poll, and he/she will not be in a position to be present in the polling station on the day of poll.

…………………………

(full signature of the attesting Officer)

……………………………….(Name)

……………………………..(address)

……………………….(rubber stamp)

- Strike off whichever is not applicable and tick the relevant statement.

**Note-** This Application must reach RO within 5 days following the date of notification of election.

OGP—PP—CTCP (HE) 20—7,000—21-2-2022

Election Commission of India- ଭାରତ ନିର୍ବାଚନ ଆୟୋଗ

## ସଂଲଗ୍ନକ (ଖ)

### Voter Information Slip

| | | | |
|---|---|---|---|
| ରାଜ୍ୟ | State : | ଓଡ଼ିଶା | Odisha |
| ବିଧାନସଭା ନିର୍ବାଚନ ମଣ୍ଡଳି: | Assembly Constituency : | 7 - ଝାରସୁଗୁଡା | 7 - Jharsuguda |
| ନାମ: | Name : | ରାହାସ ନାଏକ | Rahas Naik |
| ଲିଙ୍ଗ: | Gender : | ପୁରୁଷ | Male |
| ଭୋଟର ଫଟୋ ପରିଚୟ ପତ୍ର ନଂ | EPIC No. : | FBQ1828128 | |
| ପିତାଙ୍କ ନାମ: | Father's Name : | ଖେଡା ନାଏକ | Kheda Naik |
| ଭାଗ ସଂଖ୍ୟା: | Part No. : | 163 | |
| ଭାଗର ନାମ: | Part Name : | ପାଇକପଡା | Paikpada |
| କ୍ରମିକ ସଂଖ୍ୟା: | Serial No. : | 262 | |
| ଭୋଟ ଗ୍ରହଣ କେନ୍ଦ୍ରର ନାମ : | Polling Station Name : | ସରକାରୀ ପ୍ରାଥମିକ ବିଦ୍ୟାଳୟ, ପାଇକପଡା<br>GOVERNMENT PR[illegible] SCHOOL, PAIKPADA | |

| | | | |
|---|---|---|---|
| Date of Poll :<br>ଭୋଟଗ୍ରହଣ ତାରିଖ: | 10-05-2023 | CEO Website : | www.c[illegible]orissa.nic.in |
| | | CEO Call Center Toll free No : | 1950 |
| Timings- ସମୟ:<br>Morning 07:00 AM to Evening 06:00 PM<br>ସକାଳ 07:00 AM-ସନ୍ଧ୍ୟା 06:00 PM | | District Election Office : | ଝାରସୁଗୁଡା / Jharsuguda |
| | | DEO Helpline No. : | 06645-270070 |
| | | This will not be accepted as an identification document for voting. | |

SAMPLE

### Map of the Polling Station




### Important Information for Voters

BLO's Name : BLO's Contact No. : Tapaswani Naik / 9937271653

ବି.ଏଲ୍.ଓ.ଙ୍କ ନାମ ବି.ଏଲ୍.ଓ.ର ଯୋଗାଯୋଗ ନମ୍ବର.

1.ମତଦାନ ସମାପ୍ତି ସମୟରେ ଧାଡ଼ିରେ ଥିବା ସମସ୍ତ ମତଦାତାଙ୍କୁ ମତଦାନ କରିବା ପାଇଁ ଅନୁମତି ଦିଆଯିବ ।
2.ମହିଳାମାନଙ୍କ ପାଇଁ ଅଲଗା ଧାଡି ଦିଆଯିବ । ବରିଷ୍ଠ ନାଗରିକ ମାନଙ୍କୁ ମତଦାନ ପାଇଁ ପ୍ରାଥମିକତା ଦିଆଯିବ ।
3.ଦୃଷ୍ଟିହୀନ ଓ ଦିବ୍ୟାଙ୍ଗ ମତଦାତା ନିଜ ସହିତ ଜଣେ ବୟସ୍କ ସାଥୀଙ୍କୁ ମତଦାନ କେନ୍ଦ୍ରକୁ ଭୋଟଦାନ ବେଳେ ନେବା ପାଇଁ ଅନୁମତି ଦିଆଯିବ।
4.ମୋବାଇଲ ଫୋନ ଓ କ୍ୟାମେରା ଆଦି ଯନ୍ତ୍ରପାତି ମତଦାନ କେନ୍ଦ୍ର ମଧ୍ୟକୁ ନେବାପାଇଁ ଅନୁମତି ଦିଆଯିବ ନାହିଁ ।
5.କୌଣସି ପ୍ରାର୍ଥିଙ୍କୁ ଭୋଟଦେବା ନିମନ୍ତେ ଟଙ୍କା ପଇସା କିମ୍ବା ଅନ୍ୟ କୌଣସି ଅନୁଗ୍ରହ ପ୍ରଦାନ କରିବା କିମ୍ବା ଗ୍ରହଣ କରିବା ଆଇନତଃ ଏକ ଦୁର୍ନୀତି ।

ଏହି ସ୍ଲିପ କୁ ମତଦାନ କେନ୍ଦ୍ରରେ ଆପଣଙ୍କ ପରିଚୟ ପତ୍ର ରୂପେ ଗ୍ରହଣ କରାଯିବ ନାହିଁ ଏବଂ ପରିଚୟ ପାଇଁ ଆପଣଙ୍କୁ ଆପଣଙ୍କ ଭୋଟର ପରିଚୟ ପତ୍ର କିମ୍ବା ମତଦାନ ନିମନ୍ତେ ନିର୍ବାଚନ ଅୟୋଗଙ୍କ ଦ୍ୱାରା ନିର୍ଦ୍ଦିଷ୍ଟ କରାଯାଇଥିବା ଏଗାର ଟି ବିକଳ୍ପ ରୁ ଗୋଟିଏ ପାଖରେ ନବାକୁ ପଡିବ ।

1.All the voters who are in the queue at the closing time of the poll shall be allowed to cast their vote.
2. There are separate queues for women; Senior citizens are given priority for voting.
3. Blind and infirm voter can be permitted to take an adult companion in the voting compartment for recording the vote.
4. Gadgets like mobile phones and cameras are not allowed inside the polling booth.
5. Offering or accepting money or any other gratification to vote for particular candidate is a corrupt practice uner law.

THIS SLIP WILL NOT BE ACCEPTED FOR THE PURPOSE OF IDENTIFICATION IN POLLING STATION. YOU ARE REQUIRED TO CARRY EPIC OR ONE OF THE 11 ALTERNATVIE DOCUMENTS SPECIFIED BY THE COMMISSION FOR VOTING

# Notes


# ବି.ଲ.ଓ ଆପ୍ (BLO APP)




ବୁଥ୍ ସ୍ତରୀୟ ଅଧିକାରୀ ମାନଙ୍କୁ ସର୍ଭେ ଓ ଡିଜିଟାଇଜେସନ୍ କରିବାରେ ଏହି ଆପ୍ ସହାୟକ ହୁଏ । ଭୋଟର ମାନଙ୍କୁ ପଞ୍ଜୀକରଣ, ବିଲୋପ, ତ୍ରୁଟି ସଂଶୋଧନ ତଥା ବିଏଲଓ ମାନେ ବୁଥ୍ ପରିଦର୍ଶନରେ ଗଲା ବେଳେ ସର୍ବନିମ୍ନ ସୁନିଶ୍ଚିତ ସୁବିଧା (AMF) ଇତ୍ୟାଦି ରେକର୍ଡ କରିବାରେ ସହାୟକ ହୋଇଥାଏ ।

ଡାଉନଲୋଡ ପାଇଁ ସ୍କାନ୍ କରନ୍ତୁ ।

# ଭି.ଏଚ୍.ଏ ଆପ୍ (VHA APP)




ଭୋଟର ହେଲ୍ପ ଲାଇନ୍ ଆପ ଭୋଟର ମାନଙ୍କର ନିର୍ବାଚନ ସମ୍ବନ୍ଧୀୟ ବିଭିନ୍ନ ଆବଶ୍ୟକତା ପୂରଣ କରେ ଯଥା ନୂତନ ଭୋଟର ପଞ୍ଜୀକରଣ, ବିବରଣୀରେ ସଂଶୋଧନ, ତାଲିକାରେ ନାମ ଖୋଜିବା, ଅଭିଯୋଗ ଇତ୍ୟାଦି । ଭୋଟରମାନେ ଲଗ ଇନ କରିବା ପରେ କିଛିଟା ସରଳ ପଦକ୍ଷେପ ଅନୁସରଣ ଅଳ୍ପ ସମୟ ମଧ୍ୟରେ ସୁବିଧା ଗୁଡ଼ିକର ଲାଭ ଉଠାଇପାରନ୍ତି ।

ଡାଉନଲୋଡ ପାଇଁ ସ୍କାନ୍ କରନ୍ତୁ ।

# ସକ୍ଷମ ଆପ୍ (SAKSHAM APP)




ଦିବ୍ୟାଙ୍ଗ ଭୋଟର ମାନଙ୍କୁ ଚିହ୍ନଟ, ପଞ୍ଜୀକରଣ ସହ ମତଦାନ ପ୍ରକ୍ରିୟାରେ ଅଂଶଗ୍ରହଣ କରିବା ନେଇ ଅନ୍ୟାନ୍ୟ ସୁବିଧା ପ୍ରଦାନ କରିଥାଏ । ମତଦାନ ଦିବସ ଦିନ ହ୍ୱିଲ ଚେୟାର, ଘରୁ ନେବା ଆଣିବା ସୁବିଧା, ମତଦାନ କେନ୍ଦ୍ରର ସୂଚନା, ଭୋଟିଂ ବେଳେ ସମ୍ମୁଖୀନ ହେଉଥିବା ବିଭିନ୍ନ ଅସୁବିଧା ନେଇ ଅଭିଯୋଗ ଦାଖଲ ଇତ୍ୟାଦି ସୁବିଧା ପ୍ରଦାନ କରିଥାଏ । ଏହା ବାଦ୍ ଦୃଷ୍ଟିହୀନ ଦିବ୍ୟାଙ୍ଗଙ୍କୁ ସ୍ୱର ସହାୟତା ( ଟେକ୍ସଟ୍-ଟୁ-ସ୍ପିଚ୍ ) ସୁବିଧା ପ୍ରଦାନ କରେ ।

ଡାଉନଲୋଡ ପାଇଁ ସ୍କାନ୍ କରନ୍ତୁ ।


# ସି-ଭିଜିଲ ଆପ୍ (C-VIGIL APP)




C-VIGIL ଆପ୍ ନାଗରିକମାନଙ୍କୁ ନିର୍ବାଚନ ବେଳେ ଆଚରଣ ବିଧି (MCC) ଉଲ୍ଲଂଘନକାରୀଙ୍କ ରିପୋର୍ଟ କରିବାରେ ସାହାଯ୍ୟ କରିଥାଏ । ପରିଚୟ ନଦେଇ ଫଟୋ, ଭିଡିଓ କିମ୍ବା ଅଡିଓ ଉତ୍ତୋଳନ କରି ନିର୍ବାଚନ ନିୟମ ଉଲ୍ଲଂଘନକାରୀଙ୍କ ବାବଦରେ ସୂଚନା ପ୍ରଦାନ କରିପାରିବେ । ଅଭିଯୋଗର ଅନୁସନ୍ଧାନ କରି ୧୦୦ ମିନିଟ୍ ମଧ୍ୟରେ ଉପଯୁକ୍ତ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯାଇଥାଏ ଯାହା ନାଗରିକ ମାନେ ମଧ୍ୟ ଟ୍ରାକ୍ କରିପାରିବେ |

ଡାଉନଲୋଡ ପାଇଁ ସ୍କାନ୍ କରନ୍ତୁ ।

# କେ.ୱା.ସି ଆପ୍ (KYC APP)




ନୋ ୱୋର କ୍ୟାଣ୍ଡିଡେଟ୍ (ଆପଣଙ୍କ ପ୍ରାର୍ଥୀଙ୍କୁ ଜାଣନ୍ତୁ) ବା KYC ଆପ୍ ନିର୍ବାଚନରେ ସ୍ୱଚ୍ଛତା ଏବଂ ଉତ୍ତରଦାୟିତ୍ୱତାକୁ ପ୍ରୋତ୍ସାହିତ କରିବାରେ ଏହି ଆପର ପ୍ରମୁଖ ଭୂମିକା ରହିଛି । ଏହି ଆପ ପ୍ରାର୍ଥୀଙ୍କ ଅପରାଧିକ ତଥ୍ୟ, ମାମଲାର ସ୍ଥିତି, ନାମାଙ୍କରେ ଭରିଥିବା ତଥ୍ୟ ଆଦି ଲୋକଙ୍କୁ ଦେଇଥାଏ । ଏହି ଆପ୍ ବ୍ୟବହାର କରି ପ୍ରାର୍ଥୀ ମାନଙ୍କ ସବିଶେଷ ତଥ୍ୟ ଭୋଟର୍ ମାନେ ପାଇ ପାରିବେ ।

ଡାଉନଲୋଡ ପାଇଁ ସ୍କାନ୍ କରନ୍ତୁ ।

# WhatsApp ଚ୍ୟାନେଲ୍ କୁ ଫଲୋ କରନ୍ତୁ




ଆଗାମୀ ସାଧାରଣ ନିର୍ବାଚନ ଜନିତ ସମସ୍ତ ସୂଚନା ପାଇଁ ଆମ whatsapp ଚାନେଲକୁ ଫଲୋ କରନ୍ତୁ ଏବଂ ସଚେତନ ରୁହନ୍ତୁ |

QR କୋଡ୍ ସ୍କାନ୍ କରନ୍ତୁ




**ସଂକଳନ ଓ ପ୍ରକାଶନ**

**ମୁଖ୍ୟ ନିର୍ବାଚନ ଅଧିକାରୀ, ଓଡ଼ିଶା**